କଟକ ନାରୀହରଣ ମକଦ୍ଦମା

ଅସାମୀଙ୍କ ଭିତରୁ ଜଣେ ସରକାରୀ ପକ୍ଷ ସାକ୍ଷୀ ହେଲେ

ଷଡ଼ଯନ୍ତ୍ରର ମୂଳ ସୂତ୍ର ପ୍ରକାଶ ପାଇଲା

କଟକ ନାରୀହରଣର ଲୋମହର୍ଷଣକାରୀ ଇତିହାସ

କଟକ, ତା ୩।୮।୩୫

ତାଃ ୨ରିଖ ଦିନ ଏବଂ ଦୌରାଜଜଙ୍କ ଇଜଲାସରେ ପ୍ରାୟ ସାଢ଼େ ୧୧ଟାବେଳେ କଟକ ନାରୀହରଣ ମକଦ୍ଦମାର ପୁଣି ଶୁଣାଣି ହୁଏ । ଦର୍ଶକରେ ବାହାର ଘର ପୂରି ଯାଇଥିଲା । ସ୍ୱର୍ଣ୍ଣ ଗରମ ଏବଂ ଭିଡ଼ ହେଉଥିଲେ ମଧ୍ୟ ଲୋକେ ବସି ରହି ସାକ୍ଷୀମାନଙ୍କର ଜମାନବନ୍ଦୀ ଶୁଣୁଥିଲେ । ପ୍ରଥମେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ଜମାନବନ୍ଦୀ ହେଲା । ସେ ଅସୁସ୍ଥ ଥିବାରୁ ସରକାରୀ ଓକିଲଙ୍କ ଅନୁରୋଧରେ ଜଜ-ସାହେବ ତାଙ୍କ ବସିବାକୁ ଅନୁମତି ଦେଇଥିଲେ । ସେ ଚୌକି ଉପରେ ବସି ତାଙ୍କର ଜମାନବନ୍ଦୀ ଦେଇଗଲେ ।

ଅସାମୀ ଗୌର ଏବଂ ମାଳଗର ସ୍ୱାମୀ ସାବଜର ତାଙ୍କ ପାଖକୁ ଯାଇ ତାଙ୍କର ବଣସ୍ତ୍ରବ ଘର ଭଡ଼ା ନେବା ପାଇଁ କଥାବାର୍ତ୍ତା କରି ଯୁବ ଅଣିଥିଲେ କି ନାହିଁ ସେହି ବିଷୟରେ ସେ କହିଲେ । ଏ ଘଟଣା ତାଙ୍କର ବାହିଁକି ମନେ ରହିଛି ପଚରା ଯିବାରୁ ସେ କହିଲେ ଯେ ଯେଉଁ ଦିନ ଏମାନେ ଘରଭଡ଼ା ନେବା କଥା କହି ଆସିଥିଲେ ତହିଁ ପରଦିନ ଏହି ସହରରେ ମାଇକିନିଅକୁ ନେଇ କଣ ଗଣ୍ଡଗୋଳ ହୋଇଥିବାର ସେ ଶୁଣିଲେ ଏବଂ 'ସମାଜ' କାଗଜରେ ପଢ଼ିଲେ ସେ ଗୌରକୁ ଦେଖିଥିଲେ ଏବଂ ସାବଜରକୁ ସେହି ଦିନ ଦେଖିଲେ ବୋଲି କହିଲେ

ଜେରାରେ ସେ କହିଲେ ଯେ ସେ ଜଣଙ୍କ ଘରର ଯୁବ ଏମାନଙ୍କୁ ଦେଇ ନ ଥିଲେ । ଏମାନେ ତାଙ୍କ ପଣ୍ଡିବ ସାର ତାଅରେ ତାଙ୍କ ମାଙ୍କ ସଙ୍ଗେ କଥାବାର୍ତ୍ତା କରି ଭଡ଼ା ନେଇଥିବାର ସେ ଜାଣିଥିଲେ ।

ତାପରେ ଅଦ୍ଭୁତ କେସ କରାଯିବାରୁ ଘଟଣାର ୨୦୭ ଦିନ ପରେ ସ୍ୱରସ ଅସି ତାଙ୍କର ଜମାନବନ୍ଦୀ ନେଇଥିଲେ । ସେ କଂଗ୍ରେସ ଆନ୍ଦୋଳନ ସମ୍ପର୍କରେ ଜେଲ ଯାଇଥିଲେ ଏବଂ ଚନ୍ଦ୍ରମଣି ଦୁର୍ଗାଙ୍କ ପଡ଼ୋଶୀ ବୋଲି କହିଲେ ।

ତାଙ୍କର କେସ ଜମାନବନ୍ଦୀ ହୋଇଗଲା ପରେ ମଇନା ବେଶ୍ୟା ଚେଳୁଣୀର ଜମାନବନ୍ଦୀ ହେଲା । ସେ କହିଲା—ସାବଜର ଦୁଇ ମାସ ତଳେ ତାର ବଣସ୍ତ୍ରବ ଘର ଭଡ଼ା ନେଇଥିଲା, ୫ଟା ବେଳେ ଆସି କଥାବାର୍ତ୍ତା ୫ ୧୯ ଭଡ଼ା ଛାଡ଼ିଲେ ଗଲା, ସନ୍ଧ୍ୟାବେଳକୁ ସେ ତାର ସ୍ତ୍ରୀକୁ ଆଣି ଗୋଟାଏ ଲଣ୍ଠନ ଓ ଗୋଟାଏ ବୃଲଲ ରହିଲା ସେ ଘରେ ରଖି ଦେଇଗଲା, ମାଇକିନିଅ ରହିଲା, ସେ ପୁଣି ବୋଉକୁ ଦେଇଗଲା, ୧୦।୧୧ଟା ବେଳକୁ ଆସିଲା, ମୁଁ ଶୋଇବାକୁ ଯାଉଥିଲି, କବାଟ ଦେଇ ଅସିଥିଲି, ରାତିମାତ୍ର ପରେ କବାଟ ଧଡ଼ଧଡ଼ ହେଲା ଏବଂ ଡାକ ଶୁଭିଲା, କବାଟ ଫିଟା । ମୁଁ ବ୍ରାହ୍ମଣ ଡାକିବାକୁ ଯିବି । କବାଟ ଫିଟାଇ ଦେଲା ମାତ୍ରେ ୬୦୭ ଜଣ ଅଗଣାକୁ ପଶି ଅସିଲେ । ତାପରେ ବେଗିଯାଇ ସେ ମାଇକିନିଅକୁ ଉଠାଇ ଆଣିଲା । ମୁଁ ଡରିଥିଲି । ସେମାନେ ବ୍ରାହ୍ମଣକୁ ଏବଂ ମୋତେ କହିଲେ— ଏ ମାଇକିନିଅକୁ ବାହାର କରିଦିଅ, ନହେଲେ ତୋର ଅନିଷ୍ଟ ହେବ । ଏତିକିବେଳେ ମାଗୁଅ ଓ ବନ୍ଧୋର ଅସି ସେଠି ପହଞ୍ଚିଲେ । ମୁଁ ଗୋସେଇଁଙ୍କୁ, ବାହାର ହେବାକୁ କହିଲି । ମାଗୁଅକୁ କହିଲି —ମୋର ଘରଦ୍ୱାର, ଏମାନଙ୍କ କଥାରେ ହେବ ଦବାସ୍ତୁ କରିବେ । ମାଳତୀ ମୋ ଗୋଡ଼ ତଳେ ପଡ଼ି କହିଲା—ଅଳ ସ୍ୱଭଳ ରଖ, ମୋତେ ରଖାଅ । ମୁଁ ମନାକଲି । ମାଗୁଅ ଲକ୍ଷ୍ମୀଙ୍କ ସେମାନଙ୍କ କଣ ସବୁ କହି ବଜାଇ କରିବେଲେ । ସେମାନେ ସମସ୍ତେ ଗୁଡ଼ିଗଲେ । ମୁଁ ଜେଲଖାନାରେ ଚଢ଼ିଥିବ ଚଳେର ଦେଇଥିଲି ।

ତାପରେ ତାକୁ ଜେରା କରାଗଲା । ସେ ଜେରାରେ ବିଶେଷ କିଛି କହିଲା ନାହିଁ । ଚକଚୌକରେ କଣ ସବୁ କହିଛି ପଚରା ଯିବାରୁ ତାର ସ୍ମରଣ ହେଉନାହିଁ କହିଲା । ସେ ବାଣ୍ଡକୁ ଜାଣେ ନାହିଁ, ସାକ୍ଷୀଙ୍କ ଜାଣି ବୋଲି ମଧ୍ୟ କହିଲା ।

ସାକ୍ଷୀରୂପେ ଅସାମୀ

ଅସାମୀରୂପେ ଧରା ହୋଇଥିବା ଭରତ ପ୍ରସାଦ ସିଂହ ସାକ୍ଷ୍ୟ ଦେଲା । ସେ ଘଟଣା ପୂର୍ବରୁ କିପରି ଷଡ଼ଯନ୍ତ୍ର ହୋଇଥିଲା ଏବଂ ସଂଘଟନ କିଏ କିଏ କରିଥିଲେ, ସେ କେତେଦୂର ପର୍ଯ୍ୟନ୍ତ ଘଟଣାରେ ଯୋଗ ଦେଇଥିଲା ସବୁ ଭଲ ଭଲ କରି ବର୍ଣ୍ଣନା କଲା । ସରକାରୀ ପକ୍ଷ ଓକିଲ ବାବୁ ଚନ୍ଦ୍ରମଣି ପଣ୍ଡା ଅଫିସରମାନଙ୍କୁ ସମର୍ପିଣ କରି କହିଲେ କି ଏ ଜଣକ ଅସାମୀ ଶ୍ରେଣୀଭୁକ୍ତ ଥିଲା, ସେ ସତ୍ୟ ଘଟଣା ପ୍ରକାଶ କରିବ ବୋଲି କ୍ଷମା ଭିକ୍ଷା କରିଥିବାରୁ ତାକୁ ସରକାର ଏପ୍ରୁଭର ସାକ୍ଷୀରୂପେ ଗ୍ରହଣ କରାଯାଇଛି ।

ଭରତ କହିଲା—ସାଢ଼େ ୧୨ ଗୋପୀପୁର ତଳରେ ପଡ଼ିଆ ଦେଇ ... ମୁଁ ତାକୁ ଜାଣେ । ତା ଘରକୁ ଏ ମାଇକିନିଅ ୨ ମାସ ତଳେ ଆସିଥିଲା । ମୁଁ ବୁଧବାର ଦିନ ପ୍ରାୟ ୧୦ଟାବେଳେ ଗାଧୋଇବାକୁ ଯିବା-ବେଳେ ନଇକୂଳେ ଟେକଟାଙ୍କ ସାମନାରେ ଅଶ୍ୱତ୍ଥଗଛମୂଳେ ଗୌର, ସନ, ଫକୀର, ଗଣ୍ଡ ବେହେରା ବସି କଥାବାର୍ତ୍ତା ହେଉଥିବାର ଦେଖି ମୁଁ ସେମାନଙ୍କ ପାଖକୁ ଗଲି, ବସିଲି । ସେମାନେ ମୋତେ ଦେଖି କଥା ବନ୍ଦକରି ଦେଲେ । ଫକୀର କହିଲା—ସେ ତ ଆମ ଭିତରର ଲୋକ, ତାକୁ କଣ ଲୁଚେଇବା । ଗୌର କହିଲା—ଘର ଭଡ଼ା ଗୋଟାଏ ମାଇକିନିଅ ଅଛି, ତାକୁ କେମିତି ଆଣିବା, କଣ କରିବା ସେଇ କଥା ହେଉଛି । ମୁଁ କହିଲି—ସେ ତ ଦୋକାନରେ ରହିଛି, ଛକରସ୍ତାରେ ଅଛି, କେମିତି ଆଣିବା ? ଫକୀର କହିଲା—ରାତି ଅନ୍ଧାର ହୋଇ ଅସୁବିଧା ହେଉଛି, ନ ହେଲେ ଠିକ ଦେଖା ଅଛନ୍ତି । ଗୌର କହିଲା—ମୋର ଘର ବଗିଚା ପଡ଼େ । ମୁଁ ତାକୁ ଅଲଗା ଘର କରିବାକୁ ଯାଉଛି କହିବା । ମୁଁ ତହୁଁ ଘର କେଉଁଠି ଅଛି ପଚାରିବାରୁ ସେ କହିଲା—ନବ ବାବୁଙ୍କର ଗୋଟାଏ ବଗିଚା ଅଛି । ସେଇଠାକୁ ନେଇଗଲେ ଅତ୍ୟାଚାର କରିବାକୁ ସୁବିଧା ହେବ । ସେଠାରୁ ତାକୁ ନଇବାଲିକୁ ନେଇ ଧବଳେଶ୍ୱର ଅଡ଼କୁ ନେଇଯିବା । ତାପରେ ମୁଁ ଓ ଫକୀର ପୁଷ୍କରିଣୀ ଅଡ଼କୁ ଗାଧୋଇବାକୁ ଚାଲିଗଲୁ । ସେମାନେ ଗୃହକୁ ଗଲେ । ସ୍ୱର୍ଗଦ୍ୱାର ଦେଇ ଦେଇ ସାଙ୍ଗରେ ମୋର ଦେଖାହେଲା । ସେ ମୋତେ କହିଲା— ଗୌର ଘର ଠିକ କରିଛି । ସାବଜର ସେଠାରୁ ଅଳ୍ପ ଯିବ । ତମେ ଘର ଉପରକୁ ସନ୍ଧ୍ୟାବେଳକୁ ଆସିବ । ସନ୍ଧ୍ୟାବେଳେ ମୁଁ ଘର ଉପରକୁ ଆସିଲି । ଫକୀର, ସନ, ଗୌର, ଚନ୍ଦ୍ରା, ଗଣ୍ଡ ବେହେରା ପ୍ରସ୍ତୁତ ଥିଲେ । ଆମେ ସମସ୍ତେ ନଇ ବନ୍ଧକୁ ଗଲୁ । ମଦ ଖାଇଲୁ । ସାବଜର ନବବାବୁଙ୍କ ଘରଠାରୁ ଗଲାଣି କି ନାହିଁ ଦେଖିବାକୁ ମୁଁ, ଗୌର ଏବଂ ସନ ଗଲୁ । ଦେଖିଲୁ ସେ ଘରେ ତାଲା ପଡ଼ିଛି । ଫେରିଆସି କହିବାରୁ ବର୍ଣ୍ଣିଅ, ଗୌର ଓ ସନ ବନ୍ଧୁବାଲା ନରସିଂହ ବାବୁକୁ ପଚାରିବାକୁ ଗଲେ । ସେ ମଇନା ଚେଳୁଣୀ ଘରକୁ ଯାଇ ରହିଥିବାର ଖବର ଅଣିଲେ । ସାଥି ମାମଲତକାର ଲେଖା କରିବାକୁ ଡାକିବାର କଥା ହେଲା । ଚନ୍ଦ୍ରା ଡାକିବାକୁ ଯାଇ ଫେରି ଅସି କହିଲା ସେ ଘରେ ନାହିଁ । ଫକୀର କହିଲା—ରାତି ତ ଅଧିକ ହୋଇଛି । ଯାଅ ସମସ୍ତେ ଖାଇ ପିଇ ପୁଣି ଏହିଠାକୁ ଶୁଣି ଆସିବ । ପୁଣି ସମସ୍ତେ ଆସିଲୁ । ଚନ୍ଦ୍ରା ଲୋକକୁ ଡାକି ଅଣିଲା । ଫକୀର ଲକ୍ଷ୍ମୀ ପୁଷ୍ପକୁ ଡାକି ଅଣିଲା । ସମସ୍ତେ ସାଙ୍ଗହୋଇ ମଇନା ଘରକୁ ଆସିଲୁ । ବର୍ଣ୍ଣିଅ କବାଟ ଧକ୍କାଧକ୍କି କରି ଡାକିଲୁ, ମଇନା ଅସି କବାଟ ଫିଟେଇ ଦେଲା । ଆମେ ସମସ୍ତେ ଭିତରକୁ ପଶିଗଲୁ । ବର୍ଣ୍ଣିଅ ସେ ମାଇକିନିଅକୁ ଟାଣି ଆଣିଲା । ମାଇକିନିଅ ମଇନା ଗୋଡ଼ତଳେ ପଡ଼ି ରକ୍ଷାକର ବୋଲି କହିଲା । ଆମେ ସାବଜରକୁ ଓ ମଇନାକୁ ଗାଳିଦେଇ ତାକୁ ବାହାର କରି ଦେବାକୁ କହିଲୁ । ମାଗୁଅ, ବନ୍ଧୋ ଅସି ସବୁ ଅମର କହିଲେ । ବନ୍ଧୋ ହାତକୁ ଧରି ସେ ମାଇକିନିଅ ଗଦାଧର ବାବୁଙ୍କ ଘରକୁ ଆସିଲା । ଆମେ ମଧ୍ୟ ପଛେ ପଛେ ଆସିଲୁ । ଗଦାଧର ବାବୁ ବାହାରି ଅସି ଅମକୁ କହିଲେ । ଆମେ ସମସ୍ତେ ଗଦାଧର ବାବୁଙ୍କ, ଗାଳି ଫକତ କରି ବେଶ୍ୟାଟକୁ ଘରେ ରଖିବୁ ନାହିଁ, ଆମେ ୫ ମିନିଟ ରଖିବାକୁ ଦେବୁ ନାହିଁ, ରଖିଲେ ସାରା ରାତି ଦେବୁ ନାହିଁ କହିବାକୁ ଲାଗିଲୁ । ଗଦାଧର ବାବୁ ସାରା ରାତି ଅଣିବାରୁ କହିଲେ । ଫକୀର କହିଲା—ସାର ସଂଘର୍ଷ, ଏତିକିବେଳେ ମାରା କରିବାର କର । ଚନ୍ଦ୍ରା କହିଲା—ମୁଁ ଯାଉଛି ଗଦାଧର ବାବୁଙ୍କ କହିବ ସେ ମାଇକିନିଅକୁ ଆମ ଘରକୁ ପଠାଇ ଦେବାକୁ । ଚନ୍ଦ୍ରା ଯାଇ କହିବାରୁ ଗଦାଧର ବାବୁ ତାଙ୍କ ଗ୍ଲବଳକୁ ସାଙ୍ଗରେ ଦେଇ ସେ ମାଇକିନିଅକୁ ଚନ୍ଦ୍ରା ଘରକୁ ପଠାଇଦେଲେ । ଆମେ ସମସ୍ତେ ପୁଣି ଫେରି ଫେରି ଚନ୍ଦ୍ରା ଘରପାଖ ଗଲୁ । ଗ୍ଲବଳ ଫେରି ଅସିଲା । ଚନ୍ଦ୍ରା କହିଲା— ତମେ ସବୁ ରହ, ମୁଁ ଯାଉଛି ସବୁ ବନ୍ଦୋବସ୍ତ କରିବି । ଚନ୍ଦ୍ରା, ଗୌର ଓ ସନ ଭିତରକୁ ଯାଇ କବାଟ ଦେଇ ଦେଲେ । ସାବଜର ଏତିକିବେଳେ ଫେରି ଅସି ତା ମାଇକିନିଅକୁ ନେଇ ଯିବାକୁ କହିଲା । ମୁଁ କହିଲି—ସେ ତ ଚନ୍ଦ୍ରା ଘରେ ଅଛି, ଚନ୍ଦ୍ରାର ମା ଭଉଣୀ ଅଛନ୍ତି । ରାତିରେ ଥାଉ, କାଲି ନେଇଯିବ । ସେ ଶୁଣିଲା ନାହିଁ, କବାଟରେ ହାତ ମାରି ଡାକିଲା । ଚନ୍ଦ୍ରା ମା' ଓ ତାର ଭଉଣୀ ବାହାର ଅସି ତାକୁ ଗାଳି ଦେଲେ । ଗଣ୍ଡ ବେହେରା ଭିତରକୁ ପଶିଯାଇ ଦେଖି ଅସି କହିଲା ସେମାନେ ନାହାନ୍ତି । ଫକୀର ମୋତେ ସାବଜର ପାଖରେ ରହିବାକୁ କହି ଗଣ୍ଡ ବେହେରାକୁ ସାଙ୍ଗରେ ନେଇ ଗୁଡ଼ିଗଲା । ସାବଜର ଓ ମୋ ମାନଙ୍କର କଳି ହେଲା । କନ୍ଦଳ ଜଣେ ଅସି ପହଞ୍ଚିଲା । ସାବେଡଠାରୁ ସବୁ ଶୁଣି ଗଦାଧର ବାବୁଙ୍କ ଘରକୁ ଗଲି । ମୁଁ ଏତିକିବେଳେ ଅଳ୍ପ ସେଠାରେ ନ ରହି ଆମ ଘରକୁ ସିଧା ଗୁଡ଼ିଗଲି ।

ଜେରାରେ ମଧ୍ୟ ଭରତ ସିଂହ ଏହି ସବୁ କଥା ମାନିଛି । ଏବଂ ନିଜ ମନରୁ ସବୁ ସତ କଥା କହି କ୍ଷମା ପ୍ରାର୍ଥନା କରିବ ବୋଲି ସ୍ଥିର କରିଥିବାର କହିଛି । ୨୩ ଦିନ ପରେ ସେ ଚୌକି ହୋଇଥିଲା । ପୁଲିସ ତାକୁ ଜାମିନରେ ଛାଡ଼ି ଦେଇଥିଲେ । ଓକିଲ ବାବୁଙ୍କ ଜେରାରେ କ୍ଷମା ପ୍ରାର୍ଥନା ମାଗି ସବୁ କଥା କହିବ ବୋଲି କହିଥିଲା, ମାଗା, ବନ୍ଧୋ, ଲକ୍ଷ୍ମୀ, ଗଦାଧର ବାବୁ ପ୍ରଭୃତିଙ୍କୁ ସେ ଜାଣେ ବୋଲି ଏବଂ ଏ ଅସାମୀମାନଙ୍କ ସାଙ୍ଗରେ ତାର ଅଗରୁ ବନ୍ଧୁତା ଥିଲା ବୋଲି କହିଲା । ଘଟଣା ପରେ ସେ ଅନେକଙ୍କୁ ଦେଖିଛି, କାହାର ସାଙ୍ଗରେ କଥାବାର୍ତ୍ତା ହୋଇନାହିଁ । ଅସାମୀ ଗୌର ଏବଂ ଚନ୍ଦ୍ରା ସାଙ୍ଗରେ ଦେଖା ହୋଇଥିବାର କହିଲା । ଅନେକ ଅସାମୀ ୨୨ ୫ ଥର ଜେଲ ଯାଇଥିବାର, ୫ ଥର ମକଦ୍ଦମାରେ ପଡ଼ିଥିବା କଥା କହିଲା । ଗୌର ତାର ବନ୍ଧୁ ପାଇଁ ତାକୁ ମାଡ଼ ଦେଇ ନାହିଁ ବୋଲି କହିଲା । ଏହାପରେ କେତେ କଥା ପଚରାଯାଇ ତାର କେସ ଶେଷ ହେଲା ।

ତାପରେ ଗଦାଧର ବାବୁଙ୍କ ଗ୍ଲବଳ ପୁଅ ସାକ୍ଷ୍ୟ ଦେଲା । ସେ କିପରି ମାଲଗରୁ ନେଇ ଚନ୍ଦ୍ରା ଘରେ ଛାଡ଼ି ଅସିଲା ଏବଂ ସାବଜର ଥାନାକୁ ଖବର ଦେବାକୁ ଗଲା ଇତ୍ୟାଦି କଥା କହିଲା । ଫକୀର ଏବଂ ଭରତ ସେଠାରେ ଥିଲେ ବୋଲି ସେ କହିଲା । ଜେରାରେ ଏମାନଙ୍କ ଚନ୍ଦ୍ରା କରିଥିବାର କହିଲା । ଜେରାରେ ଚନ୍ଦ୍ରା ଅସି ଗଦାଧର ବାବୁଙ୍କ କହିବା ଏବଂ ଭରତକୁ ଜେଲଖାନାରେ ବନ୍ଦୀ ରଖିବା କଥା ତାର ମନେ ନାହିଁ ବୋଲି କହିଲା ।

ଶେଷରେ ମାଳଗର ସ୍ୱାମୀ ସାବଜରର ସାକ୍ଷ୍ୟ ଜମାନବନ୍ଦୀ ଓ ଜେରା ହେଲା । ସେ ମାଳଗରୁ ରଖିବା ଦିନଠାରୁ ଏ ଘଟଣାର ଶେଷ ପର୍ଯ୍ୟନ୍ତ ସବୁ କାହାଣୀ ଗାଇଗଲା ।

ଜେରାରେ ନବବାବୁଙ୍କଠାରୁ ଘର ଭଡ଼ା ଅଣିଲା ପରେ ଚନ୍ଦ୍ରା ତାକୁ ଗୋଟାଏ ଘର ଅଣି ଦେଇଥିବା କଥା କହିଲା ।

ଏତିକିରେ ଆଜିର ଶୁଣାଣି ବନ୍ଦହେଲା । ଅସାମୀ କେତେଜଣ ଜେମାର ଥିବାରୁ ସେମାନଙ୍କ ଗାଡ଼ିରେ ଜେଲକୁ ନେଇ ଦିଆଗଲା । ଅନ୍ୟମାନଙ୍କ ସଙ୍ଗରେ ଚଲାଇ ନିଆଗଲା । ଅଳ୍ପ ପୁଣି ଅନ୍ୟ ସାକ୍ଷୀମାନଙ୍କର ଜମାନବନ୍ଦୀ ହେବ । ୨୬ ତାରିଖ ଯାଏ ଏ ମକଦ୍ଦମା ଚାଲିବ ବୋଲି ଅନୁମାନ କରାଯାଉଛି ।

ପୁଣା

ମେକେଞ୍ଜିରଙ୍କ ଆକ୍ରମଣ ମକଦ୍ଦମା

ଅସାମୀମାନେ ବେକସୁର ଖଲାସ

ପୁଣା, ତା ୩।୮।୩୫

ପୁଣା ମେକେଞ୍ଜିର ଏବଂ ସୁରନ୍ ଘାଟକଙ୍କ ପୁସ୍ତକଙ୍କର ପେପିଲ ଶୋଭଧ ସ୍ୱସ୍ତ ଚଣ୍ଡନର ଗାଡ଼ିରେ ଗାଡ଼ିକରେ ମଧ୍ୟ ଆକ୍ରମଣ କରିଥିବା କଥା ଅଗରୁ ପ୍ରକାଶ ପାଇଥିଲା । ଏ ମକଦ୍ଦମାରେ ୧୧ଜଣ ଅସାମୀ ଧରାହୋଇ ବିଚାର ଚାଲିଥିଲା । ପୂର୍ବରୁ ଏ ମକଦ୍ଦମା କଟକ ସବ ଡିଭିଜନ ଅଫିସରଙ୍କ କୋର୍ଟରୁ ଉଠାଇ ଅଣା ହୋଇଥିଲା । ଏଠାରେ ବିଚାର ଶେଷ ହୋଇ ଜାଇ ରାୟ ବାହାର ଅସାମୀମାନେ ବେକସୁର ଖଲାସ ହୋଇଛନ୍ତି । ଏ ଖବରରେ ସହରରେ ଚହଳ ପଡ଼ି ଯାଉଛି ।

ନଡ଼ିଆ ଓ ତାଳଗଛ ବେମାର ବାଛିବେ

୨୨ହଜାର ଟଙ୍କା ମଞ୍ଜୁର ହେଲା

ନୂଆଦିଲ୍ଲୀ ତା ୧।୮।୩୫

ନଡ଼ିଆ ଏବଂ ତାଳଗଛମାନଙ୍କର ବେମାର ବାଛି ସେ ବିଷୟରେ ଗବେଷଣା କରିବା କାରଣ କୃଷି ଗବେଷଣା ପାଇଁ ବସିଥିବା ସାମ୍ରାଜ୍ୟ କାଉନସିଲ ୨୨ ହଜାର ଟଙ୍କା ଖର୍ଚ୍ଚ ମଞ୍ଜୁର କରିବା ପାଇଁ ସ୍ଥିର କରିଛନ୍ତି । ଏହାପୂର୍ବେ ଅବସ୍ଥା ବର୍ଷକୁ ୨ ଲକ୍ଷ ୭ ହଜାର ଟଙ୍କା କୃଷି ବାବଦ ଓ ୨ ଲକ୍ଷ ୬୫ ହଜାର ଟଙ୍କା ଶିଳ୍ପ ବାବଦ ମଞ୍ଜୁର କରିଥିଲେ । ଏ ରାଜ୍ୟରେ ଗୋଟିଏ କୃଷି ବୋର୍ଡ ବସାଇବାର ମଧ୍ୟ ପ୍ରସ୍ତାବ ହୋଇଛି । ଏହା ଫଳରେ ସରକାରୀ ଓ ବେସରକାରୀ ଲୋକଙ୍କ ଉପରେ କୃଷି ବିଷୟରେ ବେଶ ଅଲୋଚନା ଓ ଗବେଷଣା ସୁବିଧା ହେବ ବୋଲି ଏହା କରାଯାଉଛି ।

ପାଣିପାଗ ରିପୋର୍ଟ

କଲିକତା ତା ୨।୮।୩୫

ସରକାରୀ ପାଣିପାଗ ଅଫିସ ଇସ୍ତାହାରରେ ପ୍ରକାଶ ଯେ ଗତ ୨୪ ଘଣ୍ଟା ଭିତରେ ବିହାର ଓଡ଼ିଶାର ମୋତିହାରୀ ଏବଂ ଯାମସେଦପୁର ଠାରେ ଲକ୍ଷଣକୁ ସାମାନ୍ୟ ଅଳ୍ପ ବେଶ ହିସାବରେ ବର୍ଷା ହୋଇଛି । ହଜାରିବାଗରେ ଖୁବ ସାମାନ୍ୟ ବର୍ଷା ହୋଇଛି । ଓଡ଼ିଶାର କୌଣସିଠି ବେଶୀ ବର୍ଷା ହୋଇନାହିଁ ।

ଆଗାମୀ ୨୪ ଘଣ୍ଟା ଭିତରେ ଓଡ଼ିଶାର ସ୍ଥାନେ ସ୍ଥାନେ ବର୍ଷା ହେବାର ଅଶା ଦେଖା ଯାଉଛି ।

ଗଡ଼ଜାତ ବିଷୟରେ କଂଗ୍ରେସର ଘୋଷଣା

ଦେଶୀୟ ରାଜ୍ୟ ପ୍ରଜାଙ୍କ ପ୍ରତି କଂଗ୍ରେସର ପୂର୍ଣ୍ଣ ସହାନୁଭୂତି

ରାଜା ମହାରାଜାମାନଙ୍କୁ ଅନତିବିଳମ୍ବେ ଲୋକପ୍ରତିନିଧି ଶାସନ ପ୍ରତିଷ୍ଠା କରିବାକୁ

ଗଡ଼ଜାତ ଲୋକେ କଂଗ୍ରେସର ବର୍ତ୍ତମାନ ସୀମା ଓ ଶକ୍ତି ବୁଝିବା ଉଚିତ

କାର୍ଯ୍ୟକାରୀ କମିଟିର ଲମ୍ବା ପ୍ରସ୍ତାବ

ଓ୍ୱାର୍ଦ୍ଧା ତା ୧।୮।୩୫

କଂଗ୍ରେସ କାର୍ଯ୍ୟକାରୀ କମିଟି ଦେଶୀୟ ରାଜ୍ୟ ବା ଗଡ଼ଜାତ ବିଷୟରେ ନିମ୍ନଲିଖିତ ପ୍ରସ୍ତାବ ସର୍ବସାଧାରଣଙ୍କ ଜାଣିବା ପାଇଁ ପ୍ରକାଶ କରିଛନ୍ତି ।

ନିଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ପ୍ରସ୍ତାବମାନଙ୍କରେ ଭାରତରେ ଦେଶୀୟ ରାଜ୍ୟ ବା ଗଡ଼ଜାତମାନଙ୍କରେ କଂଗ୍ରେସ ନୀତିକୁ ବ୍ୟାଖ୍ୟାନ କରି ଦେଇଥିଲେ ହେଁ ଦେଶୀୟ ରାଜ୍ୟ ପ୍ରଜାସାଧାରଣଙ୍କ ପକ୍ଷରୁ ସେମାନଙ୍କ ଦ୍ୱାରା ଭାରତର ଗୋଟାଏ ଆନ୍ଦୋଳନ ହେଉଛି ଯେ କଂଗ୍ରେସ ତାଙ୍କର ଘୋଷଣା ଅନୁରୂପ ସଂସ୍କାର କରି ଦିଅନ୍ତୁ । ତେଣୁ କାର୍ଯ୍ୟକାରୀ କମିଟି ଦେଶୀୟ ରାଜ୍ୟ ରାଜା ମହାରାଜା ଓ ଜନସାଧାରଣଙ୍କ ବିଷୟରେ କଂଗ୍ରେସର ନୀତି କଣ ସେ କଥା ନିମ୍ନଲିଖିତ ଇସ୍ତାହାରରେ ପୁଣି ଥରେ ଜଣାଇ ଦେଉଛନ୍ତି ।

ଗତ ଭାରତରେ ସେଠାର ଲୋକସାଧାରଣଙ୍କର ସ୍ୱରାଜ୍ୟ ପାଇବାପାଇଁ ଯେତିକି ଦାବି ଅଛି ଦେଶୀୟ ରାଜ୍ୟ ପ୍ରଜାମାନଙ୍କର ସେ ସେହି ପରିମାଣରେ ସ୍ୱରାଜ୍ୟ ପାଇଁ ମୌଳିକ ଅଧିକାର ଅଛି ଏ କଥା ନିଖିଳ ଭାରତ କଂଗ୍ରେସ ବୁଝିଛନ୍ତି ଓ ସ୍ୱୀକାର କରୁଛନ୍ତି । ସେହି ହେତୁରୁ କଂଗ୍ରେସ ବହୁଳ ଗଡ଼ଜାତରେ ଦାୟିତ୍ୱମୂଳକ ଲୋକପ୍ରତିନିଧି ଶାସନ ପ୍ରତିଷ୍ଠା କରିବା ସପକ୍ଷରେ ମତ ଘୋଷଣା କରିଛନ୍ତି ଏବଂ ସେହି ହେତୁରୁ କଂଗ୍ରେସ ମଧ୍ୟ ଦେଶୀୟରାଜ୍ୟ ରାଜା ମହାରାଜାମାନଙ୍କୁ ନିବେଦନ କରିଛନ୍ତି କି ସେମାନେ ତାଙ୍କ ନିଜ ନିଜ ରାଜ୍ୟରେ ଏପରି ଦାୟିତ୍ୱମୂଳକ ଲୋକପ୍ରତିନିଧି ଶାସନ ପ୍ରତିଷ୍ଠା କରନ୍ତୁ, ତାଙ୍କ ଲୋକଙ୍କ ସଭା ସମିତି କରିବା ଓ ଖବର କାଗଜରେ ମତ ପ୍ରକାଶ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଆଦି ଅଧିବାସୀଙ୍କ ମୌଳିକ ଅଧିକାର ଅବାଧ ଭାବରେ ଦେବା ପାଇଁ ନିର୍ଦ୍ଦେଶ ଜାରି କରନ୍ତୁ ।

କଂଗ୍ରେସ ଯେ କେବଳ ଏତିକି କରିଛନ୍ତି, ତାହା ନୁହେଁ, ଏହା ସଙ୍ଗେ ସଙ୍ଗେ କଂଗ୍ରେସ ଦେଶୀୟ ରାଜ୍ୟ ପ୍ରଜାସାଧାରଣଙ୍କ ମଧ୍ୟ ଅଙ୍ଗୀକାର କରିଅଛନ୍ତି ଯେ ପୂର୍ଣ୍ଣ ଦାୟିତ୍ୱ ମୂଳକ ଶାସନ ପାଇବା ପାଇଁ ସେମାନେ ନ୍ୟାୟସଙ୍ଗତ ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କଲେ କଂଗ୍ରେସ ତାକୁ ସହାନୁଭୂତି ଦେଖାଇବ ଓ ସମର୍ଥନ କରିବ । କଂଗ୍ରେସ ଏବେ ମଧ୍ୟ ସେହି ଘୋଷଣା ଏବଂ ସେହି ଅଙ୍ଗୀକାର ଅକ୍ଷୁଣ୍ଣ ରକ୍ଷା କରିବା ପାଇଁ ପ୍ରସ୍ତୁତ ରହିଛନ୍ତି ଏକଥା ଦୃଢ଼ ଭାବରେ କହୁଛନ୍ତି । କଂଗ୍ରେସ ବିଶ୍ୱାସରେ ଦେଶୀୟ ରାଜ୍ୟ ରାଜା ମହାରାଜାମାନଙ୍କର ନିଜ ସ୍ୱାର୍ଥ ଦୃଷ୍ଟିରୁ ଦେଖିଲେ ମଧ୍ୟ ସେମାନେ ଯେତେ ଶୀଘ୍ର ପାରିବେ ସେ ତାଙ୍କ ନିଜ ନିଜ ରାଜ୍ୟରେ ଲୋକଙ୍କ ଅଧିବାସୀଙ୍କ ପୂର୍ଣ୍ଣ ଅଧିକାର ଦେଇ ଯେତେ ଶୀଘ୍ର ସମ୍ଭବ ପୂର୍ଣ୍ଣ ଦାୟିତ୍ୱ ମୂଳକ ଶାସନ ପ୍ରତିଷ୍ଠା କରିବା ଉଚିତ ।

ମାତ୍ର ଏକଥା ପୁଣି ବୁଝି ରଖିବା ଉଚିତ ଯେ ଦେଶୀୟ ରାଜ୍ୟ ବା ଗଡ଼ଜାତ ଭିତରେ ଲୋକେ ତାଙ୍କର ଅଧିକାର ପାଇବା ପାଇଁ ଯେ ଆନ୍ଦୋଳନ କରିବାର ତାହା ସେଠା ଲୋକଙ୍କ କରିବାକୁ ପଡ଼ିବ । ଏ ଦାୟିତ୍ୱ ବୋଝ ତାଙ୍କର ଉପରେ । କଂଗ୍ରେସ କେବଳ ତାଙ୍କର ନୈତିକ ପ୍ରଭାବ ବନ୍ଧୁଭାବରେ ପ୍ରୟୋଗ କରି ପାରନ୍ତି । ଯେଉଁଠାରେ ସମ୍ଭବ ହେବ ଏ କଥା ନିଶ୍ଚୟ କରିବେ । ଇଂରେଜ ଅଧିକୃତ ହେଉ, ବା ରାଜା ରାଜଡ଼ାଙ୍କ ଅଧିକୃତ ହେଉ ବା ଯେ କୌଣସି ରାଜଶକ୍ତିର ଅଧୀନସ୍ଥ ହେଉ, ଭାରତବର୍ଷସମଗ୍ରଙ୍କରେ ଭୌଗୋଳିକ ଅବସ୍ଥିତ ଏବଂ ଇତିହାସ ପରମ୍ପରା ଏକ ଏବଂ ଅବିଚ୍ଛେଦ୍ୟ ରହିବ [illegible] ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ଅବସ୍ଥାରେ କଂଗ୍ରେସର ବନ୍ଧୁଭାବ ଉପାୟ ଛଡ଼ା ତ ଅନ୍ୟ କୌଣସି ଉପାୟ ନାହିଁ । ଅଲୋଚନାର ଦାବିରେ ଉତ୍କଣ୍ଠିତ ହୋଇ ଅନେକ ସମୟରେ କଂଗ୍ରେସ କ୍ଷମତାର ସୀମା କଥା ଲୋକେ ଭୁଲି ଯାଉଛନ୍ତି । ପ୍ରକୃତରେ କହିଲେ କଂଗ୍ରେସର ଅନ୍ୟ ପ୍ରକାର ଉଦ୍ୟମ ସମସ୍ତଙ୍କର ସମୂହ ଉଦ୍ଦେଶ୍ୟକୁ ପଣ୍ଡ କରନ୍ତା ।

ବର୍ତ୍ତମାନ ଶାସନ ସଂସ୍କାରରେ ଯେ ଏହି ପରିବର୍ତ୍ତନ ହେଉଛି ସେ ସମ୍ବନ୍ଧରେ କେହି କେହି ପ୍ରସ୍ତାବ କରୁଛନ୍ତି କି ଭାରତ ଶାସନ ଅନୁସାରେ ଯେଉଁ ଯେଉଁ ଦଫାରେ ଭାରତ ସମ୍ରାଟଙ୍କ ସହିତ ଦେଶୀୟ ରାଜ୍ୟର ସମ୍ପର୍କ ଧାର୍ଯ୍ୟ କରାଯାଉଛି ସେଥିରେ କେତେକ ପରିବର୍ତ୍ତନ କରିବା ପାଇଁ କଂଗ୍ରେସ ବୃହତ୍ତର ସଂସ୍କାର ଚେଷ୍ଟା କରନ୍ତୁ । କଂଗ୍ରେସ ଏ ଶାସନ ସଂସ୍କାର ଭାରତ ଜନସାଧାରଣଙ୍କର ମତ ଅନୁରୂପ ହୋଇନାହିଁ ବୋଲି ଏହି ବ୍ୟାପକ କାରଣରୁ ସମଗ୍ର ଶାସନକୁ ମୂଳରୋଳ ଅଗ୍ରାହ୍ୟ କରି କେତେଥର ଘୋଷଣା କରିଛନ୍ତି ଏବଂ ବରାବର ଦାବି କରିଛନ୍ତି ଯେ ଏ ଦେଶରେ ଜାତୀୟ ଗଣପରିଷଦ ଦ୍ୱାରା ନୂତନ ଶାସନ ଗଢ଼ା ଯାଉ; ଏପରି ଅବସ୍ଥାରେ ଏ ଶାସନ ଚକ୍ରରେ କୌଣସି ଗୋଟାଏ ଅଂଶରେ କିଛି ପରିବର୍ତ୍ତନ କରି ଯାଉ ବୋଲି କି ଭଳି ଭଳି କହିବେ ? ଏ ଭଳି କହିବା ଅର୍ଥ କଂଗ୍ରେସ ନୀତିକୁ ଏକାବେଳକେ ଉଲଟାଇ ଦେବା ।

ମାତ୍ର ଏହା ସଙ୍ଗେ ସଙ୍ଗେ କଂଗ୍ରେସ ପୁନରପି ଦେଶୀୟ ରାଜ୍ୟ ଲୋକଙ୍କ ନିକଟରେ ଜଣାଉଛନ୍ତି କି କଂଗ୍ରେସ ଦେଶୀୟ ରାଜ୍ୟର ରାଜା ମହାରାଜାମାନଙ୍କର ସମର୍ଥନରୁ ପାଇବା ପାଇଁ ତାର ମୂଲ୍ୟରୂପ ଦେଶୀୟ ରାଜ୍ୟର ପ୍ରଜାଙ୍କ ସ୍ୱାର୍ଥକୁ ବଳି ଦେବେ ନାହିଁ । କଂଗ୍ରେସ ମୂଳରୁ ସମଗ୍ର ଭାରତର ଜନସାଧାରଣଙ୍କର ଅଧିକାର ରକ୍ଷା ପାଇଁ ଚେଷ୍ଟା କରିଅଛନ୍ତି ସେମାନଙ୍କର ସ୍ୱାର୍ଥ ବିରୋଧୀ କୌଣସି ବିଶେଷ ସୁବିଧା ସୁଯୋଗ ଲୋଡ଼ୁଥିବା ଗୋଷ୍ଠୀର ସପକ୍ଷରେ ପିଠେଇ ନାହିଁ ବୋଲି ମଧ୍ୟ ଘୋଷଣା କରି ଅସି ଅଛନ୍ତି ।

ନୂଆ ଅଭିଯାନ

ହରିଜନ ମୁସଲମାନ କିଛା ଟେକିଲ

ସିମଲା, ତା ୧।୮।୩୫

ଗତ ଜାନୁଆରୀ ମାସରେ ଦକ୍ଷିଣ ଏବଂ ମେଘନଠାରେ ବିଦ୍ରୋହୀ ସ୍ଥାନ ଯାଇଁ ଯେ ପ୍ରତିଯୋଗିତା ଘଟଣା ହୋଇଥିଲା, ସେଥିରେ ଯେଉଁମାନେ ଦଣ୍ଡ ହୋଇଥିଲେ ସେମାନଙ୍କ ନାମ ଗତ ମାସ ୪ ତାରିଖ ଇସ୍ତାହାରରେ ସରକାର ପ୍ରକାଶ କରିଥିଲେ । ସେମାନଙ୍କ ଭିତରୁ ଏକ ମଲ୍ଲୀ ଜୁରଟା ପ୍ରତିଶ୍ରୁତ ହୋଇ ଥିବାରୁ ସେ ଜାମିନରେ ମୁକ୍ତ ସାହାଯ୍ୟ ପାଇଥିଲେ ଏବଂ ମୁକ୍ତ ଭାବରେ ବାହାରକୁ ଯାଇଥିଲେ । ଏମାନେ ତାଙ୍କ ପରିବାରରେ ଯୁକ୍ତ ହେଲେ ଏ ବିଷୟରେ ପ୍ରୋଟେଷ୍ଟ ଉଠିଲେ ବର୍ତ୍ତମାନ ଜାରି ହୋଇ ବୋଲି ଘୋଷଣା କରାଯାଇଛି ।

ବିହାର ଓଡ଼ିଶା ଡାକ କର୍ମଚାରୀ ସମ୍ମିଳନୀ

ପାଟଣା, ତା ୧।୮।୩୫

ବିହାର ଓଡ଼ିଶା ଡାକ କର୍ମଚାରୀ ସମ୍ମିଳନୀ ଅଗଷ୍ଟ ୪ ତାରିଖ ସକାଳ ୮ଟା ବେଳେ ପାଟଣାଠାରେ ହେବାର ସ୍ଥିର ହୋଇଛି ।